# ଉତମ ଜୀବନ ରକ୍ଷା ପଦକ ପାଇଁ ମନୋନୀତ  ପଙ୍କଜଙ୍କୁ ଉଚ୍ଛସ୍ୱିତ ସମ୍ବର୍ଦ୍ଧନା



କେନ୍ଦୁଝର, ତା ୨୯.୦୬: ଭାରତର ମହାମହିମ ରାଷ୍ଟ୍ରପତି ଜାତୀୟ ସାହସିକତା ପୁରସ୍କାର ବିଜେତା କେନ୍ଦୁଝର ଜିଲ୍ଲାର ପଙ୍କଜ ମହାନ୍ତଙ୍କ ନାମକୁ ଉତମ ଜୀବନ ରକ୍ଷା ପଦକ ପୁରସ୍କାର ପାଇଁ ମଂଜୁର କରିଥିବାରୁ କେନ୍ଦୁଝର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ଏହି ଅବସରରେ ଚଳିତ ତା୨୯/୬/୨୦୧୮ରିଖ ଶୁକ୍ରବାର ଦିନ ଦରବାର ହଲ୍‌ଠାରେ ଜିଲ୍ଲା ପରିଷଦ ବୈଠକ ଚାଲିଥିବା ବେଳେ ପଙ୍କଜଙ୍କୁ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ ବଦ୍ରିନାରାୟରଣ ପାତ୍ରଙ୍କ କରକମଳରେ ସେଂଟ୍ରାଲ ସେକ୍ରେଟାରିଏଟ୍, ନୂଆଦିଲ୍ଲୀ ପ୍ରଦତ ୧ଲକ୍ଷ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ସମେତ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ହୃଷିକେଶ ନାଏକ, ଲୋକସଭା ସଦସ୍ୟା ଶ୍ରୀମତୀ ଶକୁନ୍ତଳା ଲାଗୁରୀ, କେନ୍ଦୁଝର ବିଧାୟକ ଅଭିରାମ ନାଏକ, ଆନନ୍ଦପୁର ବିଧାୟକ ମାୟାଧର ଜେନା, ତେଲକୋଇ ବିଧାୟକ ବେଦବ୍ୟାସ ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ର, ଉପାଧକ୍ଷ ଅକ୍ଷୟ କୁମାର ସାହୁ, ପିଡି ଡିଆର୍‌ଡିଏ ନୃସିଂହ ଚରଣ ସ୍ୱାଇଁ, ଆଇଏଏସ୍ ପ୍ରୋବେସନର ସୋମେଶ ଉପାଧ୍ୟାୟଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ଜିଲ୍ଲା ସ୍ତରୀୟ ଅଧିକାରୀ,ଜିଲ୍ଲାର ବିଭିନ୍ନ ପଂଚାୟତ ସମିତିର ଅଧକ୍ଷ/ଅଧକ୍ଷା ପ୍ରମୁଖ ଉପସ୍ଥିତ ରହି କେନ୍ଦୁଝର ଜିଲ୍ଲାର ଗୌରବ ବର୍ଦ୍ଧନ କରିଥିବାରୁ ପଙ୍କଜଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆଗାମୀ ସ୍ୱାଧୀନତା ଦିବସ ଅବସରରେ ପଙ୍କଜଙ୍କୁ ମାନପତ୍ର ଏବଂ ମେଡାଲ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।  ସୂଚନାଯୋଗ୍ୟଯେ, ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ବ୍ରହ୍ମପୁର କରଂଜିଆ ଗ୍ରାମ ପଂଚାୟତର କାଟୁଳିକନା ଗାଁର ଚୂଡ଼ାମଣି ମହାନ୍ତ ଏବଂ ବାସନ୍ତୀ ମହାନ୍ତଙ୍କ ପୁଅ ପଙ୍କଜ ବର୍ତମାନ ବ୍ରହ୍ମପୁର କରଂଜିଆ ହାଇସ୍କୁଲରେ ୧୦ମ ଶ୍ରେଣୀର ଛାତ୍ର । ଗତ ୨୦୧୭ ମସିହା ମେ ୨୨ ତାରିଖ ଦିନ କାଟୁଳିକନା ନିକଟସ୍ଥ ବୈତରଣୀ ନଦୀରେ ସ୍ନାନ କରିବା ସମୟରେ ୩ଜଣ ମହିଳା ଚୋରାବାଲିରେ ଫସିଯାଇ ଗହୀର ଗଣ୍ଡରେ ବୁଡ଼ି ଯାଉଥିବାବେଳେ ୯ମ ଶ୍ରେଣୀର ଛାତ୍ର ପଙ୍କଜ ନିଜ ଜୀବନକୁ ବାଜି ଲଗାଇ ଗହୀର ଗଣ୍ଡରୁ ୩ଜଣ ମହିଳାଙ୍କୁ ଉଦ୍ଧାର କରିଥିଲେ । ଏତଦ୍‌ବ୍ୟତୀତ ଅଳ୍ପ ବୟସରୁ ପଙ୍କଜଙ୍କର ଆହୁରି ଅନେକ ଦୁଃସାହସିକ କାର୍ଯ୍ୟ ପାଇଁ ସେ ଉଚ୍ଚ ପ୍ରଂଶସିତ ହୋଇଥିଲେ । ଗତ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀଠାରେ ପଙ୍କଜ ଜାତୀୟ ସାହସିକତା ପୁରସ୍କାରରେ ପୁରସ୍କୃତ ହୋଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର